REGISTERED No. O-10

# The Orissa Gazette

**EXTRAORDINARY**

**PUBLISHED BY AUTHORITY**

**No.1138 CUTTACK, SATURDAY, SEPTEMBER 5, 1998/BHADRAB 14, 1920**

ସଂଖ୍ୟା 23289-ସା ପ୍ର.

ଓଡ଼ିଶା ସରକାର

ସାଧାରଣ ପ୍ରଶାସନ ବିଭାଗ

---

## ସଂକଳ୍ପ

---

ତାରିଖ 28 ଅଗଷ୍ଟ 1998

ଓଡ଼ିଶା କର୍ମଚାରୀ ମନୋନୟନ ଆୟୋଗ ନିୟମାବଳୀ, 1993 ର ଅନୁସୂଚୀ-1ରେ କନିଷ୍ଠ କୃଷି ଅଧିକାରୀ ମାନଙ୍କ ନିଯୁକ୍ତି ପ୍ରକ୍ରିୟା ଓଡ଼ିଶା କର୍ମଚାରୀ ମନୋନୟନ ଆୟୋଗଙ୍କଠାରେ ନ୍ୟସ୍ତ କରାଯାଇଥିଲା । ଓଡ଼ିଶା କର୍ମଚାରୀ ମନୋନୟନ ଆୟୋଗ ନିୟମାବଳୀ, 1963 ର ଅନୁସୂଚୀ-1ରେ ପଦବୀ ଅନ୍ତର୍ଭୁକ୍ତି ଓ ବହିର୍ଭୁକ୍ତ କରିବା ସଂକ୍ରାନ୍ତ ପ୍ରସ୍ତାବ ତା 25-5-1998 ରିଖରେ ଅନୁଷ୍ଠିତ ମନ୍ତ୍ରିମଣ୍ଡଳ ବୈଠକରେ ଅନୁମୋଦନ ଲାଭ କରିଛି । ଏହି ପ୍ରସ୍ତାବ ଅନୁଯାୟୀ କନିଷ୍ଠ କୃଷି ଅଧିକାରୀ ପଦବୀ ରାଜ୍ୟ ସଂବର୍ଗ ହୋଇ ରହିଲେ ମଧ୍ୟ ବହୁବର୍ଷ ଧରି ଉକ୍ତ ପଦବୀ ଗୁଡ଼ିକ ବ୍ୟାବହାରିକ ଭାବେ କୃଷି ନିର୍ଦ୍ଦେଶକଙ୍କ ସ୍ତରରେ ପୂରଣ କରାଯାଉଥିବାରୁ ସେହିଭଳି ଉକ୍ତ ପଦବୀର ପୂରଣ କୃଷି ନିର୍ଦ୍ଦେଶକଙ୍କ ସ୍ତରରେ ପୂରଣ କରାଯିବା ନିମନ୍ତେ ସ୍ଥିର କରାଗଲା । ଅପେକ୍ଷାକୃତ ଅଧିକ ପ୍ରଶାସନିକ ସୁବିଧା ପରିପ୍ରେକ୍ଷୀରେ କନିଷ୍ଠ କୃଷି ଅଧିକାରୀ ପଦବୀଗୁଡ଼ିକର ନିଯୁକ୍ତି ପ୍ରକ୍ରିୟା ଓଡ଼ିଶା କର୍ମଚାରୀ ମନୋନୟନ ଆୟୋଗଙ୍କ ପରିସରରୁ ବହିର୍ଭୁକ୍ତ କରାଗଲା । କନିଷ୍ଠ କୃଷି ଅଧିକାରୀ ପଦବୀ ପୂରଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ପ୍ରଶାସନିକ ବିଭାଗ ତରଫରୁ କୃଷି ନିର୍ଦ୍ଦେଶକଙ୍କୁ ଆବଶ୍ୟକୀୟ ଆଦେଶ ନିର୍ଗମନ କରାଯିବ ।

---

**ଆଦେଶ**—ଆଦେଶ ଦିଆଗଲା ଯେ ସଂକଳ୍ପଟି ଓଡ଼ିଶା ଗେଜେଟ୍‌ରେ ପ୍ରକାଶିତ ହେବ ଏବଂ ଏହାର ନକଲ ସରକାରଙ୍କ କୃଷି ବିଭାଗ/ନିର୍ଦ୍ଦେଶକ, କୃଷି ବିଭାଗ, ଭୁବନେଶ୍ୱର/ସଚିବ, ଓଡ଼ିଶା କର୍ମଚାରୀ ମନୋନୟନ ଆୟୋଗ, କଟକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯିବ ।

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

ପ୍ରିୟବ୍ରତ ପଟ୍ଟନାୟକ

ସ୍ୱତନ୍ତ୍ର ଶାସନ ସଚିବ

---

Printed and Published by the Director, Printing, Stationery and Publication, Orissa, Cuttack-10

Ex. Gaz. 713—188+50—Composed on 3-9-1998—Printed on 15-9-1998